# ଅନୁଧ୍ୟାନ ପରେ ବି କାର୍ଯ୍ୟ ହେଲାନି


ଦଶମୌଜା କେନାଲରେ ଦଳ ଓ ଘାସ ଭର୍ତ୍ତି।

**ତିହିଡ଼ି,୧୮।୬(ସଞ୍ଜିତ ବଳ)**

■ଦଳ, ଘାସରେ ପରିପୂର୍ଣ୍ଣ ଦଶମୌଜା କେନାଲ
■ଖରିଫ ଚାଷରେ ଜଳସେଚନ ନେଇ ଅନିଶ୍ଚିତତା

ଏବେ ଆରମ୍ଭ ହୋଇଗଲାଣି ଖରିଫ ଧାନଚାଷର ଋତୁ। ଚାଷୀମାନେ ସେନେଇ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ହେଲେ ଚଳିତବର୍ଷ ଦଶମୌଜା କେନାଲ ଖରିଫ ଚାଷ କ୍ଷେତ୍ରରେ ଲାଗିବା ନେଇ ଅନିଶ୍ଚିତତା ଦେଖାଦେଇଛି। ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅନୁଧ୍ୟାନ ପରେ ବି କେନାଲ ସଂସ୍କାର ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏପ୍ରକାର ଆଶଙ୍କା ଉପୁଜିଛି। ଦଳ ଓ ଘାସରେ ପରିପୂର୍ଣ୍ଣ ହେବା ସହ ପୋତି ହୋଇ ପଡ଼ିଥିବା ଏହି କେନାଲ ଚାଷଜମିକୁ ଜଳସେଚନ କରିବାକୁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ଥିବାବେଳେ ବର୍ଷାଦିନ ଆଗରୁ ଏହାକୁ ସଂସ୍କାର କରା ନ ଯିବା ପରିତାପର ବିଷୟ ହୋଇଛି।

ଭଦ୍ରକ ବ୍ଲକର ବେନ୍ତାଳ ନିକଟରୁ ସାଳନ୍ଦୀ ନଦୀରୁ ବାହାରି ଦଶମୌଜା କେନାଲ ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ନିକଟରେ ପହଞ୍ଚିଛି। ଏହି କେନାଲ ଦ୍ୱାରା ତିହିଡ଼ି ବ୍ଲକର ଗୁଆମାଳ, ତାଳପଦା, ମୁକୁନ୍ଦପୁର, ଭାଟପଡ଼ା, ଫତେପୁର, କୋହ୍ଲ, ମଙ୍ଗଳପୁର ଓ ସିନ୍ଦୋଳ ପଞ୍ଚାୟତରେ ଥିବା ଚାଷଜମି ଜଳସେଚିତ ହୋଇଥାଏ। କେନାଲ ସହ ବିଭିନ୍ନ ଗ୍ରାମକୁ ରିଆନାଳ ସଂଯୋଗ କରାଯାଇ ଏହି ଜଳସେଚନର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଚାଷୀମାନଙ୍କୁ ଜଳକର ମଧ୍ୟ ଦେବାକୁ ପଡ଼ିଥାଏ। ବର୍ଷାର ଅନିୟମିତତା କାରଣରୁ ଏବଂ ଜଳସେଚନର ବିକଳ୍ପ ବ୍ୟବସ୍ଥା ନ ଥିବାରୁ କେନାଲ ବେଶ୍ ଉପଯୋଗୀ ହୋଇଥାଏ। ମାତ୍ର ଗତ କିଛିବର୍ଷ ହେଲା ଚାଷୀମାନେ କେନାଲରୁ ପାଣି ପାଇ ପାରୁ ନ ଥିଲେ ବି ଜଳକର ଦେଇ ଚାଲିଛନ୍ତି। ମରୁଡ଼ି ସମୟରେ ଉପରମୁଣ୍ଡର ଚାଷୀମାନେ କେନାଲରେ ବନ୍ଧ କରି ଜମିରେ ପାଣି ମଡ଼ାଇଥାନ୍ତି। ବିଭାଗ ପକ୍ଷରୁ ଏହାର ତଦାରଖ ମଧ୍ୟ କରାଯାଇ ନ ଥାଏ। ଏହାବ୍ୟତୀତ କେନାଲ ଦଳ ଓ ଘାସରେ ପରିପୂର୍ଣ୍ଣ ହୋଇଥିବାରୁ ତଳମୁଣ୍ଡରେ ଥିବା ଚାଷଜମିରେ ପାଣି ପହଞ୍ଚିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ଗତବର୍ଷ ନଭେମ୍ବରରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ କେନାଲର ଶେଷମୁଣ୍ଡ ସିନ୍ଦୋଳ ପଞ୍ଚାୟତକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଚାଷୀମାନେ କେନାଲର ବିପର୍ଯ୍ୟୟ ସ୍ଥିତି ସମ୍ପର୍କରେ ଜଣାଇବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଉ କିଛିଦିନ ପରେ ବର୍ଷାଋତୁ ଆରମ୍ଭ ହେବାକୁ ଥିବାବେଳେ କେନାଲ ସଂସ୍କାର କରା ନ ଯିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଚଳିତବର୍ଷ କେନାଲରୁ ପାଣି ନ ମିଳିଲେ ଚାଷୀମାନେ ଜଳକର ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀଙ୍କୁ ପଚାରିବାରୁ ଉକ୍ତ କେନାଲ ସଂସ୍କାର ସମ୍ପର୍କରେ ଆଲୋଚନା ହୋଇଛି, ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### କ୍ଷତାକ୍ତ ଯୁବକଙ୍କ ମୃତ୍ୟୁ ପରେ ଡାକ୍ତରଖାନାରେ ଛାଡ଼ି ପଳାଇଲେ

**ବାସୁଦେବପୁର,୧୮।୬ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ଡାକ୍ତରଖାନାକୁ ସୋମବାର ବିଳମ୍ବିତ ରାତିରେ ଚିକିତ୍ସା ପାଇଁ ଆସିଥିବା ଜଣେ କ୍ଷତାକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଚାନ୍ଦବାଲି ବ୍ଲକ କରଣପଲ୍ଲୀ ଗ୍ରାମର ବେଣୁଧର ନାୟକଙ୍କ ପୁଅ ତାପସ କୁମାର ନାୟକ(୨୫) ବୋଲି ଜଣାପଡ଼ିଛି। ତାଙ୍କୁ କ୍ଷତାକ୍ତ, ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିକିତ୍ସା ପାଇଁ ନେଇ ଆସିଥିବା ୨/୩ ବ୍ୟକ୍ତି ତାପସଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ମୃତଦେହକୁ ଡାକ୍ତରଖାନାରେ ଛାଡ଼ି ଫେରାର ହୋଇଯାଇଛନ୍ତି। ତାଙ୍କ ମୁଣ୍ଡ ଓ ଦେହର କେତେକ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ଏକ ପ୍ରେମଜନିତ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। କେଉଁ ପରିସ୍ଥିତିରେ ତାଙ୍କୁ ହତ୍ୟା କରାଯାଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେବା ସହ କେଉଁମାନେ ତାପସଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣି ମୃତ୍ୟୁ ହୋଇଥିବା ଜାଣିବା ପରେ ଛାଡ଼ି ଚାଲିଯାଇଛନ୍ତି। ସେମାନଙ୍କ ଠିକଣା ଖୋଜିବା ପାଇଁ ବାଂଶଡ଼ା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ଲାଗି ଭଦ୍ରକ ପଠାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନାହିଁ।

### ଅଗ୍ରିମ ଅର୍ଥ ନ ମିଳିବାରୁ ମକ୍‌ଡ୍ରିଲ ନେଇ ଅନିଶ୍ଚିତତା

**ବାସୁଦେବପୁର,୧୮।୬ (ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳ ବାସୁଦେବପୁର ବ୍ଲକରେ ୫୦ଟି ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ଆଶ୍ରୟସ୍ଥଳରେ ସାମୂହିକ ଅଭ୍ୟାସ, ମକ୍‌ଡ୍ରିଲ ପାଇଁ ଅଗ୍ରିମ ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁ ବୁଧବାର ମକ୍‌ଡ୍ରିଲ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ମକ୍‌ଡ୍ରିଲ ନେଇ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ସଞ୍ଜୀବ କୁମାର ସାହୁ, ଜିପିଇଓ ଅମୀୟ କୁମାର ନାଥ, ବ୍ଲକ ଏଇଇ ଅନିଶ ସୁବୁଦ୍ଧି ରାୟ ପ୍ରମୁଖଙ୍କ ଉପସ୍ଥିତ ଥିବାବେଳେ ଆବଶ୍ୟକ ଅର୍ଥ ୬,୫୦୦ ଟଙ୍କା ଅଗ୍ରିମ ଦେବାକୁ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକମାନେ କହିଥିଲେ। ଷାଠିଏଚେନ ବାତ୍ୟା ଆଶ୍ରୟସ୍ଥଳ ସମ୍ପାଦକ ପରମେଶ୍ୱର ଗୁଡ୍ଡୁ, କଷିଆ ସମ୍ପାଦକ ଶକ୍ତିପଦ ମାଇତି, ଖାଣ୍ଟଖୁଆଡ଼ ସମ୍ପାଦକ ରଞ୍ଜନ କୁମାର ଜେନା, ପଡୁଁଆ ସମ୍ପାଦକ ତ୍ରିଲୋଚନ ଦେ, ଗୋଠଆଡ଼ିଆ ସମ୍ପାଦକ ଅଶୋକ କୁମାର ଗିରିଙ୍କ ସମେତ ବିଭିନ୍ନ ଆଶ୍ରୟସ୍ଥଳର ସମ୍ପାଦକ ଆଗୁଆ ଅର୍ଥରାଶି ପ୍ରଦାନ ନ କଲେ ମକ୍‌ଡ୍ରିଲ ପାଇଁ ସମସ୍ୟା ହେବ ବୋଲି କହିଥିଲେ। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକର ସମ୍ପାଦକ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନଙ୍କ ଟିଏ ଓ ଡିଏ ଖର୍ଚ୍ଚ ପ୍ରଦାନ କରାଯାଇ ନ ଥିବାରୁ ଏହି ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏ ବାବଦ ଅର୍ଥ ପ୍ରଦାନ ପାଇଁ ସେମାନେ ଦାବି କରିଥିଲେ। ଏ ସମ୍ପର୍କରେ ଜିପିଇଓ ନାଥ କହିଛନ୍ତି, ମକ୍‌ଡ୍ରିଲ ପାଇଁ ସମସ୍ତ ସମ୍ପାଦକଙ୍କୁ କୁହାଯାଇଛି। ଏ ବାବଦରେ ସମସ୍ତ ଅର୍ଥ ପ୍ରଦାନ କରାଯିବାର ବନ୍ଦୋବସ୍ତ କରାଯାଇଛି।

### ଭାଗବତ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭଣ୍ଡାରିପୋଖରୀ,୧୮।୬(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ଼ ଗ୍ରାମରେ ତ୍ରିଦିବସୀୟ ଭାଗବତ ପାରାୟଣ, ପ୍ରବଚନ ତଥା ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବ୍ୟାସ ରୂପେ ନାରାୟଣ ପଣ୍ଡା, ଧାରକ ରୂପେ ସନ୍ତୋଷ ପଣ୍ଡା ଓ ଅମୂଲ୍ୟ ପଣ୍ଡା କାର୍ଯ୍ୟ ସମ୍ପାଦନ କରିଥିଲେ। ମାନସ ଦାସ, ମନୋରଞ୍ଜନ ନାୟକ ଓ ମାୟାଧର ବାରିକ ଘଟ ଉତ୍ତୋଳନ କରିଥିଲେ। ନୟାଗଡ଼ କଣ୍ଟିଲୋର ବାଗ୍ମୀ ପଣ୍ଡିତ ଅଶୋକ ଦାସ ପ୍ରବଚନ ଦେଇଥିଲେ। ଯୁବଶକ୍ତି କ୍ଲବର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଭଜନ ଓ ନୃତ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପବନ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ଅନ୍ୟତମ ଅତିଥି ଭାବେ ବିଶ୍ୱମ୍ଭର ନାଥ, ପ୍ରଭାକର ସାହୁ ଓ ରତ୍ନାକର ସେନାପତି ଯୋଗ ଦେଇଥିଲେ। ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ସେନାପତି, ସୁଧାକର ନାୟକ, ରଞ୍ଜନ ନାୟକ, ପ୍ରେମାନନ୍ଦ ନାୟକ, ପର୍ଶୁରାମ ସାହୁ, ଅଜୟ ସାହୁ, ନିରଞ୍ଜନ ନାୟକ, ଉପେନ୍ଦ୍ର ପରିଡ଼ା, ଲିପନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବାପାଙ୍କ ଶୁଦ୍ଧିକ୍ରିୟା ସରିନି, ପୁଅ ଚାଲିଗଲେ

**ଭଦ୍ରକ,୧୮।୬(ସନାତନ ରାଉତ)**

ବାପାଙ୍କ ମୃତ୍ୟୁର ୬ଦିନ ପରେ ପୁଅ ଚାଲିଗଲେ। ବାପାଙ୍କ ଶୁଦ୍ଧିକ୍ରିୟା ସରି ନ ଥିବା ବେଳେ ପୁଅଙ୍କ ଏଭଳି ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ପଞ୍ଚାୟତ ଗୋପବନ୍ଧୁପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଗ୍ରାମର ଭାଗ୍ୟଧର ମଲିକ(୪୦)। ସେ ମଙ୍ଗଳବାର ମଧ୍ୟାହ୍ନରେ ଗେଲପୁରରୁ ବିଲ ରାସ୍ତାରେ ଅନ୍ତିରାପଦା ଦେଇ ବାଇକ୍‌ରେ ଘରକୁ ଫେରୁଥିଲେ। ମଝିରାସ୍ତାରେ ବାଇକ୍ ଷ୍ଟାଣ୍ଡ ଦେଇ ରଖାଯାଇଥିବା ବେଳେ ତାଙ୍କ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ଅଂଶୁଘାତ କିମ୍ବା ଅନ୍ୟ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଅପରାହ୍ନରେ ଗ୍ରାମାଞ୍ଚଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ୬ ଦିନ ପୂର୍ବେ ତାଙ୍କ ବାପା ବିଦ୍ୟାଧର ମଲିକଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ବର୍ଜ୍ୟବସ୍ତୁ ପରିଚାଳନା ନେଇ ଚୁକ୍ତି

**ଚାନ୍ଦବାଲି,୧୮।୬(କିଷାନ ପାତ୍ର)**

ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ନେଇ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଡାଲମିଆ ସିମେଣ୍ଟ କମ୍ପାନୀ ସହ ଚୁକ୍ତି କରାଯାଇ ସୋମବାର ପ୍ରଥମ ପର୍ଯ୍ୟାୟରେ ଚାନ୍ଦବାଲି ଏନ୍‌ଏସି ଅଧୀନ କନ୍ଧା ଆବର୍ଜନା ପରିଚାଳନା କେନ୍ଦ୍ରରୁ ୧୮ ଟନ୍‌ରୁ ଊର୍ଦ୍ଧ୍ୱ ଅଳିଆ ପଠାଯାଇଛି। ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କନ୍ଧା, ପାଞ୍ଚପଡ଼ା ଓ କୁଞ୍ଜକାଳିକାଠାରେ ୩ଟି ସ୍ଥାନରେ ଆବର୍ଜନା ପରିଚାଳନା କେନ୍ଦ୍ର ଚାଲୁ ରହିଛି। ପ୍ରତ୍ୟେକ ଦିନ ସହରରୁ ଆବର୍ଜନା ସଫା କରାଯାଇ ଉକ୍ତ ଆବର୍ଜନା କେନ୍ଦ୍ରରେ ଗଚ୍ଛିତ ରଖାଯାଉଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ପରିଚାଳନା କେନ୍ଦ୍ରରେ ବ୍ୟବହାର ଉପଯୋଗୀ ଦ୍ରବ୍ୟଗୁଡ଼ିକୁ ଅଲଗା କରାଯାଇ ଅବ୍ୟବହୃତ ଯଥା ପଲିଥିନ ଓ ପ୍ଲାଷ୍ଟିକରେ ତିଆରି ବିଭିନ୍ନ ପଦାର୍ଥଗୁଡ଼ିକ ଅନ୍ୟତ୍ର ଗଚ୍ଛିତ ରଖାଯାଉଛି। ମାଟିରେ ମିଶୁ ନ ଥିବା ବହୁ ପୁରୁଣା ଜରି, ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ଦ୍ରବ୍ୟକୁ ରାଜଗାଙ୍ଗପୁରସ୍ଥିତ ଡାଲମିଆ ସିମେଣ୍ଟ ଫ୍ୟାକ୍ଟ୍ରିକୁ ପଠାଯାଇଛି। ପୂର୍ବରୁ ସେଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଅବ୍ୟବହୃତ ଆବର୍ଜନାଗୁଡ଼ିକୁ ସିମେଣ୍ଟ କମ୍ପାନୀଗୁଡ଼ିକରେ ଜାଳେଣି ଭାବେ ବ୍ୟବହାର ପାଇଁ ପଠାଯାଇଛି। ଯନ୍ତ୍ରୀ ହରେକୃଷ୍ଣ ସାହୁ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ମାଙ୍କଡ଼ କାମୁଡ଼ାରେ ୭ ଆହତ, ଜଣେ ଗୁରୁତର

**ଧାମନଗର, ୧୮।୬ (ଦେବେନ୍ଦ୍ର ଆଦ୍ରିଆ/ ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ ଗ୍ରାମରେ ମାଙ୍କଡ଼ କାମୁଡ଼ାରେ ୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଜଣେ ମହିଳା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେ ହେଲେ ଗ୍ରାମର ସେବତୀ ସାହୁ(୬୫)। ସେ ସୋମବାର ମାଙ୍କଡ଼ କାମୁଡ଼ାରେ କ୍ଷତାକ୍ତ ହୋଇଥିବା ବେଳେ ଯାଜପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ଡାକ୍ତରଖାନାକୁ ପଠାଯାଇଛି। ସେହିପରି ମଙ୍ଗଳବାର ଗ୍ରାମର ବାସନ୍ତୀ ବାରିକ ଘରେ ଥିବାବେଳେ ଏକ ମାଙ୍କଡ଼ ଘରେ ପଶି ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ୮/୧୦ ଦିନ ହେଲା ଏହି ଗ୍ରାମରେ ମାଙ୍କଡ଼ଙ୍କ ଉପଦ୍ରବ ଦେଖିବାକୁ ମିଳିଥିଲା।


ବନ ବିଭାଗ ଦ୍ୱାରା କାବୁ କରାଯାଇଥିବା ମାଙ୍କଡ଼।

ମାଙ୍କଡ଼ମାନେ ଖାଇବା ପାଇଁ ଉହଳବିକଳ ହୋଇ ଲୋକେ ଘରକୁ ହାତରେ ଧରି ନେଉଥିବା ଖାଦ୍ୟ ସାମଗ୍ରୀକୁ ବାଟରେ ଛଡ଼ାଇନେଇ ଯାଉଥିଲେ। ପ୍ରତିରୋଧ କଲେ ଲୋକଙ୍କୁ କାମୁଡ଼ି ଗୋଡ଼ାଇ ଖାଦ୍ୟ ଛଡ଼ାଇ ନେଇ ଖାଇ ଦେଉଥିଲେ। ମାଙ୍କଡ଼ ଆକ୍ରମଣ ପାଇଁ ଗାଁରେ ପିଲାମାନଙ୍କଠାରୁ ଆରମ୍ଭ କରି ମହିଳାମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରୁ ବାହାରିପାରୁ ନ ଥିଲେ। ଲୋକେ ଠେଙ୍ଗା, ବାଡ଼ି ଧରି ରାସ୍ତାରେ ଯିବାଆସିବା କରୁଥିଲେ। ସପ୍ତାହେ ତଳେ ମାଙ୍କଡ଼ କାମୁଡ଼ାରେ କ୍ଷତାକ୍ତ ୫ରୁ ଅଧିକ ଲୋକ ଯାଜପୁର ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରିଛନ୍ତି। ଗ୍ରାମର ଯୁବ ସାମାଜିକ କର୍ମୀ ତଥା ସମିତି ସଭ୍ୟାଙ୍କ ପ୍ରତିନିଧି ଲକ୍ଷ୍ମୀଧର ପାଣିଗ୍ରାହୀଙ୍କ ଉଦ୍ୟମକ୍ରମେ ମଙ୍ଗଳବାର ଧାମନଗର ବନ ବିଭାଗ ରକ୍ତମୁଖା ମାଙ୍କଡ଼କୁ କାବୁ କରିଛି। ବନ ବିଭାଗର ୮ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମାଙ୍କଡ଼କୁ ଧରି ନେଇଯାଇଛି। ବନ ବିଭାଗ ଅଧିକାରୀ ରାଜକିଶୋର ନାୟକ କହିଛନ୍ତି, କେବଳ ଗୋଟିଏ ମାଙ୍କଡ଼ ଲୋକଙ୍କୁ ଆକ୍ରମଣ କରୁଥିଲା। ବହୁ ଚେଷ୍ଟା ପରେ ମାଙ୍କଡ଼କୁ କାବୁ କରାଯାଇଛି।

**କାବୁକଲା ବନ ବିଭାଗ**

# ବର୍ଦ୍ଧିତ ଦରମା ଦାବିରେ ଧାରଣା

**ଭଦ୍ରକ,୧୮।୬ (ସନାତନ ରାଉତ)**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏନ୍‌ଜିଓ ଅଧୀନରେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ବର୍ଦ୍ଧିତ ଦରମା ଦାବିରେ ମଙ୍ଗଳବାର ସକାଳେ ଡାକ୍ତରଖାନା ଆଗରେ ଧାରଣା ଦେଇଥିଲେ। ଏନେଇ ଏନ୍‌ଜିଓ ଅଧିକାରୀଙ୍କ ପକ୍ଷରୁ ଧମକ ମିଳିଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଏନ୍‌ଜିଓ ଅଧୀନରେ ସେମାନେ କାର୍ଯ୍ୟରତ ଅଛନ୍ତି। ଗତ ଜାନୁଆରୀରୁ ରାଜ୍ୟ ସରକାର ଦରମା ବଢ଼ାଇଥିବା ବେଳେ ଏହି ବର୍ଦ୍ଧିତ ଦରମା ଏନ୍‌ଜିଓ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ। ଏହି ବର୍ଦ୍ଧିତ ଦରମା ଦାବିରେ କାର୍ଯ୍ୟ ବନ୍ଦ କରି ଅମିତ୍ ନାୟକ, ସୁଦେଷ୍ଣା ଦାସ, ବିଜୟ ଜେନା, ଅଜୟ ନାୟକ, ବୀରେନ୍ଦ୍ର ଜେନା, ସାଦିନା ବିବି, ଫୁଲ ମୁର୍ମୁ, ବର୍ଷା ମୁଣ୍ଡା, ସାଉରୀ ମୁଣ୍ଡା, ଜଗବନ୍ଧୁ ଗୋଚ୍ଛାୟତ, ଶ୍ରୀଧର ନାୟକ, ଉମାକାନ୍ତ ସେଠୀ, ତପୋଇ ବେହେରା, କମଳା ହେମ୍ବ୍ରମଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଧାରଣାରେ ବସିଥିଲେ। ଏନ୍‌ଜିଓର ଜଣେ ଅଧିକାରୀ ତୁମ ପିଠିରେ କିଏ ପଡ଼ିବ ବୋଲି ଧମକ ଦେଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି।


ସଫେଇ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣାରେ ବସିଛନ୍ତି।

# ଜନତା ସେବା କେନ୍ଦ୍ରର ବାର୍ଷିକୋତ୍ସବ

**ଭଦ୍ରକ, ୧୮।୬ (ରବିନାରାୟଣ ଖିଲାର)**

ଭଦ୍ରକର ଚରମ୍ପାସ୍ଥିତ ଅଗ୍ରସେନ ଭବନରେ ଜନତା ସେବାକେନ୍ଦ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶଶଧର ମହନୀ ବେଦ ପାଠ କରିଥିବା ବେଳେ ବାବୁଲାଲ ଦାସ ମଞ୍ଚ ଆହ୍ୱାନ ଓ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୁଳମଣି ବେହେରା ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମାନପତ୍ର ପଠନ କରିଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଓ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜନତା ସେବାକେନ୍ଦ୍ରର ପୂର୍ବତନ ଯୁଗ୍ମ ସମ୍ପାଦକ ସ୍ୱର୍ଗତ ରମେଶ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାୟୀ ସଭାପତି ବିଶ୍ୱନାଥ ଅଗ୍ରୱାଲା ଜନତା ସେବା କେନ୍ଦ୍ରର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ଶାନ୍ତନୁ ରାଉତ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜନତା ସେବାକେନ୍ଦ୍ର ଦ୍ୱାରା ବିରଳ ବ୍ୟକ୍ତିତ୍ୱ ଓ ସଂଗ୍ରାହକ ରବୀନ୍ଦ୍ର ନାଥ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କେନ୍ଦ୍ର ଦ୍ୱାରା ପରିଚାଳିତ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚରମ୍ପା ଆଦିବାସୀ ନେତା ଶହୀଦ ବିର୍ସା ମୁଣ୍ଡା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ରତ୍ନାକର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମମାଟିରେ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା


ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ସମ୍ବର୍ଦ୍ଧନା ବେଳେ ଉପସ୍ଥିତ ଭାଜପା ନେତାମାନେ।

**ବନ୍ତ,୧୮।୬(ହରି ନାରାୟଣ ମହାନ୍ତି)**

ବନ୍ତ ବ୍ଲକ ଭାଜପା ପକ୍ଷରୁ ମଙ୍ଗଳବାର ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାରମ୍ଭରେ ଜାମ୍ବଣୀ ଛକଠାରୁ ଶତାଧିକ ଦଳୀୟ କର୍ମୀ ଏମ୍‌ପିଙ୍କୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାଙ୍କ ଜନ୍ମମାଟି ଓଡ଼ଙ୍ଗ ଗ୍ରାମକୁ ପାଛୋଟି ନେଇଥିଲେ। ସେଠାରେ ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା ପରେ ଏମ୍‌ପି ନିଜ ବାସଭବନକୁ ଯାଇ ମା' ଓ ପରିବାର ବର୍ଗଙ୍କ ଆର୍ଶୀବାଦ ନେଇଥିଲେ। ପରେ ଛୟାଳସିଂହ ବଜାର ହୋଇ ବନ୍ତ ବଜାର ପରିକ୍ରମା ପରେ ଜଳସେଚନ ଅଫିସ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଏମ୍‌ପି କହିଥିଲେ, ଚଳିତ ନିର୍ବାଚନରେ ଭଦ୍ରକ ସଂସଦୀୟ କ୍ଷେତ୍ରର ଜନସାଧାରଣ ତାଙ୍କୁ ବିଜୟୀ କରାଇ ଯେଉଁ ଆର୍ଶୀବାଦ ଦେଇଛନ୍ତି, ଆଗାମୀ ଦିନରେ ଲୋକଙ୍କ ସେବା କରି ସୁଝିବେ। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ନେତା ସୁଧାଂଶୁ ଶେଖର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ଓଝା, କିଶୋର କିଙ୍କର ପଡିଆରୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ, କମଳାକାନ୍ତ ସାହୁ, ସୁଧୀର ନାୟକ, ଆଇନଜୀବୀ ମାଧବାନନ୍ଦ ଦାସ, ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରା, ମହତାବ ମଣ୍ଡଳ ସଭାପତି ଶିବାନନ୍ଦ ଦାଶ ଅଧିକାରୀ, ବରଡ଼େଶ୍ୱର ମଣ୍ଡଳ ସଭାପତି ନବକିଶୋର ବଳ, ପତଞ୍ଜଳୀ କରଶର୍ମା, ନାରୀନେତ୍ରୀ ପଙ୍କଜିନୀ ଲେଙ୍କା, ସରପଞ୍ଚ ଇଂ. ପ୍ରମୋଦ ଜେନା, ମାନସ ପହି, ସନ୍ତୋଷ ନାୟକ, ଜିତେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଦୁର୍ଗା ବିଶ୍ୱାଳ, ରବୀନ୍ଦ୍ର ସେଠୀ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି ପ୍ରମୁଖ ଯୋଗ ଦେଇଥିଲେ। ୨୫ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ

**ଭଦ୍ରକ,୧୮।୬(ରବିନାରାୟଣ ଖିଲାର)**

ଭଦ୍ରକ ବ୍ଲକର କୋଦଣ୍ଡପୁରଠାରେ ରାଧାକୃଷ୍ଣ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମ ଦିନ ହୋମ ଯଜ୍ଞ ଓ ଦ୍ୱିତୀୟ ଦିବସରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନା କମିଟିର ଉପଦେଷ୍ଟା ଗୟାଧର ପୁହାଣ, ବିଶ୍ୱନାଥ ପୁହାଣ, ସଭାପତି ସୁରେଶ ଚନ୍ଦ୍ର ପୁହାଣ, ସମ୍ପାଦକ ଜାନକୀ ବଲ୍ଲଭ ମହାପାତ୍ରଙ୍କ ସମେତ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ସମୁଦ୍ରକୁ ଡେଇଁ ଜାହାଜ କର୍ମଚାରୀ ନିଖୋଜ

**ଚାନ୍ଦବାଲି,୧୮।୬(କିଷାନ ପାତ୍ର)**

ଧାମରା ବନ୍ଦରକୁ କୋଇଲା ନେବା ପାଇଁ ଆସିଥିବା ଏକ ଜାହାଜରୁ ଜଣେ କର୍ମଚାରୀ ସୋମବାର ବିଳମ୍ବିତ ରାତିରେ ସମୁଦ୍ରକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଏନେଇ ଧାମରା ବନ୍ଦର ପକ୍ଷରୁ ଧାମରା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଧାମରା ସାମୁଦ୍ରିକ ଥାନାଧିକାରୀଙ୍କ ସୂଚନା ଅନୁଯାୟୀ, ପଞ୍ଜାବରୁ ଏମ୍‌ଭି ଜଳ ବୈଭବ ନାମକ ଜାହାଜ ଧାମରା ବନ୍ଦରରୁ କୋଇଲା ନେଇ ବାହାର ଦେଶକୁ ଯିବା ପାଇଁ ଆସି ସମୁଦ୍ରର ଜିରୋ ପଏଣ୍ଟରେ ରହିଥିଲା। ରାତିରେ ଏହି ଜାହାଜର କର୍ମଚାରୀ ପଞ୍ଜାବର ହଜରତ ସିଂ ସମୁଦ୍ରକୁ ଡେଇଁ ପଡ଼ିଥିବା ନେଇ ଅନ୍ୟ କର୍ମଚାରୀମାନେ ପ୍ରକାଶ କରିଥିଲେ। ପରେ ଜାହାଜର କ୍ୟାପ୍‌ଟେନ ବେତାର ବାର୍ତ୍ତା ଯୋଗେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଧାମରା ବନ୍ଦର କର୍ମଚାରୀ ଏବଂ ସାମୁଦ୍ରିକ ଥାନାର କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ହେଲେ ସମ୍ପୃକ୍ତ ଉଦ୍ଧାରକାରୀ ଦଳ ନିଖୋଜ କର୍ମଚାରୀଙ୍କ କୌଣସି ପତ୍ତା ପାଇ ନ ଥିଲେ। ଏ ସମ୍ପର୍କରେ ଜାହାଜର କ୍ୟାପ୍‌ଟେନ ବେତାର ବାର୍ତ୍ତା ଯୋଗେ କୋଷ୍ଟଗାର୍ଡ ଏବଂ ଭାରତୀୟ ନେଭିର ସାହାଯ୍ୟ ମାଗିଛନ୍ତି। ସମ୍ପୃକ୍ତ ଜାହାଜଟି ପଞ୍ଜାବର ହୋଇଥିବା ବେଳେ ଏହାର ମାଲିକ ଶରତ ଚାଟାର୍ଜୀ ବୋଲି ଜଣାପଡ଼ିଛି। ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ନିଖୋଜ ଜାହାଜ କର୍ମଚାରୀଙ୍କ କୌଣସି ସନ୍ଧାନ ମିଳିପାରି ନାହିଁ। ହଜରତ ସିଂ ଜାହାଜର ସେକେଣ୍ଡ ଅଫିସର ଥିଲେ ବୋଲି ଜଣାପଡ଼ିଛି।

# ବିଭାଗ, ଲୋକ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ

**ଭଦ୍ରକ,୧୮।୬(ସନାତନ ରାଉତ)**

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାଇଁ ଭଦ୍ରକ ଜିଲାସ୍ତରୀୟ ଟେବୁଲଟପ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ୍ୟା, ବାତ୍ୟା ପ୍ରବଣ ଉପକୂଳ ଜିଲା ଭଦ୍ରକର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ପିପିଟି ଜରିଆରେ ଉପସ୍ଥାପନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଧନ ଜୀବନର ସୁରକ୍ଷା ପାଇଁ ସମସ୍ତ ବିଭାଗ, ସ୍ୱେଚ୍ଛାସେବୀ, ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ, ଅଗ୍ନିଶମ, ଯୋଗାଣ, ପୂର୍ତ୍ତ, ଆରଡି, ବିଦ୍ୟୁତ୍, ମହିଳା ଓ ଶିଶୁ ସୁରକ୍ଷା, ପ୍ରାଣୀ ଚିକିତ୍ସା, କୃଷି ଆଦି ପ୍ରମୁଖ ବିଭାଗ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି, ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷର ପରିଚାଳନା ଆଦି ସମ୍ବନ୍ଧରେ ଆଲୋଚନା କରାଯାଇ ସଜାଗ ରହିବାକୁ ଅତିରିକ୍ତ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ୧୯ରେ ବିପର୍ଯ୍ୟୟ ମୁକାବିଲା ନେଇ ଜିଲାର ସମସ୍ତ ୧୦୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ହେବ। ଧାମନଗରର ବମକୁରା ବନ୍ୟା ଆଶ୍ରୟସ୍ଥଳୀଠାରେ ହେବାକୁ ଥିବା ମକ୍‌ଡ୍ରିଲରେ ଏନ୍‌ଡିଆର୍‌ଏଫ୍ ଦଳ ସାମିଲ ହେବେ। ବୈଠକରେ ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଜିଲା ଜରୁରୀକାଳୀନ ଅଧିକାରୀ ତନ୍ମିତା କର, ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷକ ମନ୍ଯୁରେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଜିଲାସ୍ତରୀୟ ଟେବୁଲଟପ୍ ଏକ୍ସରସାଇଜ**

## ସଂକ୍ଷେପରେ

### ୫ ଫୁଟ୍‌ର ନାଗ ଉଦ୍ଧାର



ଆନନ୍ଦପୁର,୧୮।୬(ସୁଶାନ୍ତ କୁମାର ସାହୁ)

କାଠକଟା ବନ କର୍ମଚାରୀଙ୍କ ଦ୍ୱାରା ବିରିଡ଼ିହା ଗ୍ରାମରୁ ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର ହୋଇଛି। ମଙ୍ଗଳବାର ଅପରାହ୍ନରେ ବିରିଡ଼ିହା ଗ୍ରାମର ବିଷ୍ଣୁ ଚରଣ ସାହୁଙ୍କ ଘର ଭିତରେ ଏକ ନାଗ ସାପ ଗର୍ଜନ କରୁଥିବା ଦେଖି ପରିବାର ଲୋକେ କାଠକଠା ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ଫରେଷ୍ଟର ଡମ୍ବୁରୁ ଧର ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ପ୍ରଫୁଲ୍ଲ କୁମାର ମହାକୁଡ଼, ପ୍ରତାପ ବେଷ୍ଟକାର, ରମାକାନ୍ତ ବେହେରା ପ୍ରମୁଖ ପହଞ୍ଚି ନାଗ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଚକ୍ରତୀର୍ଥ ଜଙ୍ଗଲରେ ଛାଡ଼ିଦେଇଥିବା ସୂଚନା ମିଳିଛି।

### ଦୋକାନ ଶଟର ତାଲା ଭାଙ୍ଗି ୩୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ଢେଙ୍କିକୋଟ, ୧୮।୬ (ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରରେ ଥିବା ବଜ୍ରଙ୍ଗୀ ଫେବ୍ରିକେସନ ଶଟର ତାଲା ଭାଙ୍ଗି ଚୋରି ହୋଇଛି। ଚୋରମାନେ ତାଲା ଭାଙ୍ଗି ୩୦ ଲକ୍ଷ ଟଙ୍କାର ସାମଗ୍ରୀ ଦୋକାନରୁ ଚୋରି କରି ନେଇଛନ୍ତି। ଏନେଇ ଦୋକାନ ମାଲିକ ବ୍ରଜବନ୍ଧୁ ଜେନା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଟ୍ ହାଉସ ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୬ଟା ବେଳେ ବ୍ରଜବନ୍ଧୁ ଦୋକାନ ଖୋଲିବା ପାଇଁ ଆସି ଶଟର ଖୋଲାଥିବା ଦେଖି ଆବାକ ହୋଇଯାଥିଲେ। ଦୋକାନ ନିକଟକୁ ଯାଇ ଭିତରେ ଥିବା ବିଭିନ୍ନ ୱେଲଡିଙ୍ଗ୍ ମେଶିନ, କଟର ମେଶିନ, ଦୋକାନ ବାହାରେ ଅର୍ଡର ପାଇ ତିଆରି କରି ରଖିଥିବା ଘରର ଝରକା, କବାଟ, ଷ୍ଟିଲ ଫାଟକ ଏବଂ ଦୋକାନରେ ଥିବା ୫ କୁଇଣ୍ଟାଲର ଏକ ଇଲେକ୍ଟ୍ରୋନିକ ଓଜନ କଣ୍ଟା, ଏଙ୍ଗେଲ ଷ୍ଟିଲ ପାଇପ୍ ଆଦି ନ ଥିବା ଦେଖି ଚୋରି ହୋଇ ଯାଇଥିବା ଜାଣିପାରିଥିଲେ। ଆନୁମାନିକ ୩୦ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ସେ ଦର୍ଶାଇଛନ୍ତି। ସେ ଦୋକାନରୁ ଚୋରି ହୋଇଥିବା ଜାଣି କିଛି ସମୟ ପାଇଁ ଚେତା ହରାଇଥିଲେ। ତେବେ ରାସ୍ତାପାର୍ଶ୍ୱ ଦୋକାନ ଏବଂ ଢାବାରେ ସିସିକ୍ୟାମେରା ଲଗାଇବା ପାଇଁ ଘଟଗାଁ ଥାନା ପକ୍ଷରୁ ପରାମର୍ଶ ଦିଆଯାଉଥିଲେ ମଧ୍ୟ ମାଲିକମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା କୁହାଯାଇଛି। ସିସିକ୍ୟାମେରା ଲାଗିଥିଲେ କେଉଁ ଗାଡ଼ିରେ ଚୋରମାନେ ଆସି ଜିନିଷ ଲୋଡ୍ କରିନେଲେ, ତାହା ଜଣାପଡ଼ିବା ସହ ତୁରନ୍ତ ଚୋରି ସାମଗ୍ରୀ ଉଦ୍ଧାର ହୋଇପାରନ୍ତା। ତେବେ ଖୁବ୍‌ଶୀଘ୍ର ଚୋରମାନଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି ବୋଲି ବିଟ୍‌ହାଉସ୍ ଅଧିକାରୀ କହିଛନ୍ତି।

# ଟାଙ୍କି ଅଛି, ପାଣି ନାହିଁ

## ଜଳସେବା କେନ୍ଦ୍ର ପ୍ରହସନ

କେନ୍ଦୁଝର, ୧୮।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ସହର ଡେଲି ମାର୍କେଟ ନିକଟରେ ଥିବା ଜଳସେବା କେନ୍ଦ୍ର।

କେନ୍ଦୁଝରରେ ତାପମାତ୍ରା କମୁ ନ ଥିବା ବେଳେ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏଣୁ ଲୋକଙ୍କ ସୁବିଧା ପାଇଁ ବହୁ ଅର୍ଥ ବ୍ୟୟରେ ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସେବାକେନ୍ଦ୍ର ବ୍ୟବସ୍ଥା କରାଯାଇଛି। କିନ୍ତୁ ପ୍ରାୟ ୧୦ ଦିନ ହେବ ଏହି କେନ୍ଦ୍ରରେ ପାଣି ଯୋଗାଣ ହେଉ ନ ଥିବାରୁ ଲୋକେ ଖରାରେ ବହୁ ଅସୁବିଧା ଭୋଗୁଛନ୍ତି। ଟାଙ୍କି ଅଛି ହେଲେ ପାଣି ନାହିଁ। ଫଳରେ ଲୋକେ ଏଠାକୁ ଆସି ପାଣି ନ ପାଇ ନିରାଶ ହେଉଛନ୍ତି। କେନ୍ଦୁଝର ଡେଲି ମାର୍କେଟରେ ଏଭଳି ଏକ ବ୍ୟବସ୍ଥା କରାଯାଇଛି। ବିଶେଷକରି ଗ୍ରାମାଞ୍ଚଳ ତଥା ପାହାଡ଼ିଆ ଅଞ୍ଚଳରୁ ଆସୁଥିବା ବନବାସୀମାନେ ଏଠାରୁ ପାଣି ପିଇଥାନ୍ତି। କିନ୍ତୁ ପାଣି ଯୋଗାଣ ହେଉ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, କୋର୍ଟ ଆଦି ବହୁ ସ୍ଥାନରେ ଏଭଳି ସେବା କେନ୍ଦ୍ର ଖୋଲାଯାଇଥିଲେ ହେଁ ଜଳ ଯୋଗାଣ ହେଉ ନ ଥିବାରୁ କାମରେ ଲାଗୁନାହିଁ। ଫଳରେ ଏହି ସେବା କେନ୍ଦ୍ର ଏକ ପ୍ରହସନ। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କାହିଁକି ପାଣି ଯୋଗାଣ ହେଉନାହିଁ, ତାହାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସହରବାସୀ ଦାବି କରିଛନ୍ତି।

ଏଣେ ଅଂଶୁଘାତ ମୁକାବିଲା ପାଇଁ ସରକାର ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ କେନ୍ଦୁଝର ସହରରେ ଏଭଳି ହଠାତ୍ ଜଳ ଯୋଗାଣ ବନ୍ଦ ଦୁଃଖର ବିଷର ବୋଲି କେନ୍ଦୁଝର କେନ୍ଦୁପତ୍ର ତୋଳାଳି ସଂଘର ଡିଭିଜନ ସମ୍ପାଦକ ସଞ୍ଜୟ ଚୌଧୁରୀ କହିଛନ୍ତି। ସେହିପରି ବହୁ ପାଣି ଟାଙ୍କି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲା ପଡ଼ି ରହିଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ପାଣି ସମସ୍ୟା ଲାଗି ରହିଥିଲେ ହେଁ ଯୋଗାଣ ହେଉ ନ ଥିବାରୁ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ଷା ଅଭାବରୁ ଜଳ ସମସ୍ୟା ଯୋଗୁ ଅନେକ ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ଏଭଳି ସ୍ଥିତିରେ ସେସବୁ ୱାର୍ଡକୁ ମଧ୍ୟ ଜଳ ଯୋଗାଣ ହେଉ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି।

୧୦ ଦିନରୁ ଅଧିକ ହେବ ଡେଲି ମାର୍କେଟ ନିକଟରେ ଥିବା ସେବାକେନ୍ଦ୍ରରେ ପାଣି ଢଳାଯାଉ ନାହିଁ। ସହରକୁ ବିଭିନ୍ନ କାମରେ ଆସୁଥିବା ଲୋକ, ବ୍ୟବସାୟୀ, ପାହାଡ଼ିଆ ଅଞ୍ଚଳର ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ ବୋଲି ସ୍ଥାନୀୟ ଫଳ ବ୍ୟବସାୟୀ ଅନିଲ ଶଙ୍କର କହିଛନ୍ତି। ଏନେଇ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଜଳ ଯୋଗାଣ ହେବ, ଏଥିପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶାସନର ଗୁରୁତ୍ୱ

ହାଟଡିହୀ,୧୮।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଭା ଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୁଧବାର ଆମ୍ବୋ, ହାବଲେଶ୍ୱର, ଆଇତିପୁର ପଞ୍ଚାୟତରେ ଥିବା ୩ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କରାଯିବା ନେଇ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା କମିବା ପରେ କିପରି ପ୍ରସ୍ତୁତ ରହି ମୁକାବିଲା କରିବେ ସେ ବିଷୟରେ ଆଲୋଚନା ହୋଇଥିଲା।

ବ୍ଲକ ମତ୍ସ୍ୟ ସମ୍ପଦ ବିଭାଗର ଅତିରିକ୍ତ ଅଧିକାରୀ ଶୁଭମ କୁମାର ପ୍ରଧାନ ନିଜର ସୂଚନା ଜରିଆରେ କିପରି ବନ୍ୟା ପ୍ରଭାବିତ ଜଳରେ ମାଛମାନଙ୍କ ରୋଗ ବ୍ୟାପେ ଓ ତାହାର ନିରାକରଣ କଥା କହିଥିଲେ। କୃଷି ବିଭାଗ ପକ୍ଷରୁ ଅତିରିକ୍ତ କୃଷି ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ ଧାନ ଫସଲ ନଷ୍ଟ ନ ହେବା ପାଇଁ ନିରାକରଣ ବିଷୟରେ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ପକ୍ଷରୁ ବିଭାଗୀୟ ଅଧିକାରୀ ବନ୍ୟା ସମୟରେ ପ୍ରବାହିତ ରାସ୍ତା ନିର୍ମାଣ ଏବଂ ମରାମତି ପାଇଁ ଚବିଶ ଘଣ୍ଟା ମଧ୍ୟରେ ଫଟୋ ଚିତ୍ର ମାଧ୍ୟମରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ଯନ୍ତ୍ରୀଙ୍କ ଦ୍ୱାରା ବ୍ୟୟ ଅଟକଳ କରାଯାଇ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ବୋଲି କହିଥିଲେ। ଲୋକଙ୍କୁ ଠିକ୍ ଭାବେ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନଳକୂପଗୁଡ଼ିକରେ ବ୍ଲିଚିଂ ପାଉଡର ଓ ହାଲୋଜିନ ବଟିକା, ଆବଶ୍ୟକସ୍ଥଳେ ମୋବାଇଲ ଟ୍ୟାଙ୍କ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। କୌଣସି ଗୃହପାଳିତ ପ୍ରାଣୀ ପକ୍ଷୀମାନଙ୍କ କ୍ଷତି ହେଉଛି ସରକାରୀ ହିସାବରେ ବଳଦଙ୍କ ପାଇଁ ୩୦ ହଜାର, ଗାଈ ପାଇଁ ୫ ହଜାର, ବାଛୁରି ପାଇଁ ୩ ହଜାର ଟଙ୍କା ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଥିବା ବୈଠକରେ କୁହାଯାଇଥିଲା। ବିଡିଓ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ସ୍ୱାସ୍ଥ୍ୟ ଓ ରାଜସ୍ୱ ବିଭାଗ ଅଧିକାରୀ ଅନୁପସ୍ଥିତ ଥିଲେ। ପ୍ରାଣୀ ପାଳନ ଅଧିକାରୀ ରଶ୍ମୀ ରଞ୍ଜନ ନାୟକ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭରୈବେନ୍ଦ୍ର ତ୍ରିପାଠୀ, ଅତିରିକ୍ତ କୃଷି ଅଧିକାରୀ ସୋନାଲି ପ୍ରିୟଦର୍ଶିନୀ, ଅତିରିକ୍ତ ମତ୍ସ୍ୟ ଓ ପ୍ରାଣୀପାଳନ ଅଧିକାରୀ ଶୁଭମ କୁମାର ପ୍ରଧାନ, ମା' ତାରିଣୀ ଏନ୍‌ଜିଓ ସଂସ୍ଥାର ଅମ୍ବି କୁମାର ସାମଲ, ଯୋଗ ଦେଇଥିଲେ। ଜିପିଓ ଶରତ କୁମାର ବେଜ ଧନ୍ୟବାଦ ଦେଇଥିଲେ।

## ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷାକଲେ ଆଦିବାସୀ ମହିଳା

ହାଟଡିହୀ,୧୮।୬(ଶୁଭକାନ୍ତ ନାୟକ)



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ସୁନ୍ଧୁ ପୂର୍ତ୍ତି ଏବଂ ତାଙ୍କ ପୁଅ।

କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳରେ ଜଣେ ଆଦିବାସୀ ମହିଳା ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବଉଳା ଲହରସାହିର ସିଲାଇ ପୂର୍ତ୍ତିଙ୍କ ଘର ଆଗରେ ଗତ ଜୁନ ୧୨ରେ ଗଙ୍ଗାରାମ ବେରୁଆ, ବିଶ୍ୱଜିତ ରାଉତ, ନାରାୟଣ ସାମଲ, ଅଶୋକ ଜେନା, ଲମ୍ବୋଦର ଶଙ୍ଖୁଆ, ଅଶୋକ ତନ୍ତୀ, ଜିତୁ ସିଂ ପ୍ରମୁଖ ବ୍ୟକ୍ତିମାନେ ବାଣ ଫୁଟାଉଥିଲେ। ସିଲାଇ ପୂର୍ତ୍ତି ବାଣ ଫୁଟାଇବାକୁ ବାରଣ କରିଥିଲେ। କିନ୍ତୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ସିଲାଇଙ୍କୁ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଘର ଭିତରେ ପଶି ମାଡ଼ ମାରିବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ହାଣକଟା ହୋଇଥିଲା। ଏ ବାବଦରେ ଗତ ଜୁନ ୧୩ ତାରିଖରେ ସିଲାଇଙ୍କ ସ୍ତ୍ରୀ ସୁନ୍ଧୁ ସୋସୋ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାକୁ ୬ ଦିନ ବିତି ଯାଇଥିଲେ ମଧ୍ୟ ମାମଲା ରୁଜୁ ହୋଇ ନ ଥିଲା। ଏପରିକି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ମଙ୍ଗଳବାର ସୁନ୍ଧୁ ଏବଂ ତାଙ୍କ ପୁଅ ମୁର୍ଗୀ ପୂର୍ତ୍ତି କେନ୍ଦୁଝର ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ଯୋଗ୍ୟ, ଅପରପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ସିଲାଇ ଏବଂ ତାଙ୍କ ପୁଅକୁ ପୂର୍ବରୁ ଗିରଫ କରି ସାରିଛି।

## ଦୁର୍ଘଟଣାରେ ୩ ଆହତ

ରାମଚନ୍ଦ୍ରପୁର,୧୮।୬(ଗଣେଶ୍ୱର ସା)

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ମଛାଳ ଛକ ନିକଟରେ ଟ୍ରକ୍ ପଛରେ ଧକ୍କା ଦେଇ ଜଣେ ବାଇକ୍ ଚାଳକ ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଆନନ୍ଦପୁର ବ୍ଲକ ହାତୀବନ୍ଧା ଗ୍ରାମର ଖଜନ ବେହେରା,କୁନମୁନ ବେହେରାଓ ରାହୁଲ ବେହେରା।

## ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ଆନନ୍ଦପୁର ମହାବିଦ୍ୟାଳୟ

ଆନନ୍ଦପୁର,୧୮।୬(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁର ମହାବିଦ୍ୟାଳୟର ପ୍ରତିଷ୍ଠାର ୬୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ କରିବାକୁ ସ୍ଥିର କରାଯାଇଛି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆସନ୍ତା ୨୧ ତାରିଖ ଶୁକ୍ରବାର ଦିବା ୧୦ ଘଟିକାରେ ମହାବିଦ୍ୟାଳୟର କର୍ମଚାରୀ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ। ବୈଠକରେ ପୂର୍ବତନ ଛାତ୍ରୀଛାତ୍ର, ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଓ ବର୍ତ୍ତମାନର ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀମାନେ ଉ ଉପସ୍ଥିତ ରହିବାକୁ ଅଧ୍ୟକ୍ଷ ପ୍ରଫେସର ନାରାୟଣ ମିଶ୍ର ଅନୁରୋଧ କରିଛନ୍ତି।

## ସରିଲା ରଜ ମହୋତ୍ସବ




ପାଟଣା, ୧୮।୬(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକର ବଡ଼ପାଟଣା ପଞ୍ଚାୟତ କୁଆପସି ଗାଁ ପଡ଼ିଆରେ ଲକ୍ଷ୍ମୀନାରାୟଣ କ୍ଲବ ପକ୍ଷରୁ ଚାଲିଥିବା ୫ମ ବାର୍ଷିକ ରଜ ମହୋତ୍ସବ-୨୦୨୪ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ଡା.ତରୁଣ କୁମାର ଗାଙ୍ଗୁଲିଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାରତୀୟ କିଷାନ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ସେଠୀ, ବଡ଼ପାଟଣା ସରପଞ୍ଚ ବିନତୀ ବାନରା, ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ଭାଜପା ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ସାମାଜିକ କର୍ମୀ ଛୋଟଲାଲ ମହାନ୍ତ, ଅଜୟ କୁମାର ଦାଶ, ବିରଞ୍ଚି କୁମାର ମହାନ୍ତ, କ୍ଲବ ସମ୍ପାଦକ ବିଶ୍ୱନାଥ ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ। ରଜ ପର୍ବର ବୈଶିଷ୍ଟ୍ୟତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବିଧାୟକ ନାୟକଙ୍କ ଦ୍ୱାରା ଚଳିତବର୍ଷ ରଜ କୁଇନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଇତିଶ୍ରୀ ମହାନ୍ତ ଓ ରନର୍ସଅପ୍ ଡେନିମ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ଜୁନୁନ ରସିକିଆ ଝୁମର ଗ୍ରୁପ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

## ରେଳ ଚଳାଚଳ ସମସ୍ୟା ନେଇ ଦାବିପତ୍ର

କେନ୍ଦୁଝର,୧୮।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରୁ ରେଳ ଯୋଗେ ଲୁହାପଥର ପରିବହନ ହେଉଛି। ଏଥିରୁ ଜିଲାରୁ ରେଳ ମନ୍ତ୍ରଣାଳୟ ଅନେକ କୋଟି ଟଙ୍କା ରାଜସ୍ୱ ପାଉଛି। ତେବେ ଜିଲାକୁ ସର୍ବନିମ୍ନ ରେଳ ସେବା ଓ ସୁବିଧା ମିଳୁନାହିଁ। ଏଣୁ ବିଭିନ୍ନ ସମସ୍ୟା ସମାଧାନ କରିବା ସହ ସର୍ବନିମ୍ନ ସୁବିଧା ଯୋଗାଇଦେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ସୋମବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମେଲ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ମଧ୍ୟରେ ଜିଲାରୁ ଚଳାଚଳ କରୁଥିବା ଯାତ୍ରୀବାହୀ ଟ୍ରେନ୍ ପୁରୀ-ବଡ଼ବିଲ ଏକ୍ସପ୍ରେସ (୧୮୪୧୫/୧୮୪୧୬)ରେ ୫ ଓ କେନ୍ଦୁଝରଗଡ଼-ଖୋର୍ଦ୍ଧା ମେମୁ (୦୮୪୫୫/୦୮୪୫୬)ରେ ୪ ଟି ଅଧିକ ବଗି ସଂଯୋଗ, ସୁକିନ୍ଦା-ଯାଜପୁର କେନ୍ଦୁଝର ରୋଡ୍ ବାଇପାସ ଲାଇନ୍ ସରିଥିବାରୁ କେନ୍ଦୁଝରରୁ ହାୱଡ଼ା ଏବଂ ଅନୁଗୁଳ ଲାଇନ କାମ ସରିଥିବାରୁ କେନ୍ଦୁଝରଗଡ଼ରୁ ଅନୁଗୁଳକୁ ଟ୍ରେନ୍ ଚଳାଚଳ, ସପ୍ତାହରେ ଦିନେ କେନ୍ଦୁଝର ଦେଇ ଯାଉଥିବା ଟାଟା ନଗର-ବିଶାଖାପଟ୍ଟନମ ଟ୍ରେନ୍ ଦୈନିକ ଚଳାଇବା, ଟାଟା-ଏର୍ଣ୍ଣାକୁଲମ (୧୮୧୮୯/୧୮୧୯୦) ଟ୍ରେନ୍‌କୁ ଅନେକ ସମୟରେ କେନ୍ଦୁଝର ଦେଇ ଯିବା ଆସିବା କରୁଥିବାରୁ ଉକ୍ତ ଟ୍ରେନ୍‌କୁ ନିୟମିତ ଜିଲା ଦେଇ ଚଳାଚଳ, କେନ୍ଦୁଝରଗଡ଼ ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଗୋଟିଏ ଏଟିଏମ୍ କାଉଣ୍ଟର ସୁବିଧା, ପ୍ରସ୍ତାବିତ ବାଂଶପାଣିଠାରୁ ବଡ଼ବିଲକୁ ରେଳସଂଯୋଗ ତୁରନ୍ତ କାର୍ଯ୍ୟକାରୀ କରିବା, କେନ୍ଦୁଝରଗଡ଼ରୁ ଟାଟା ଓ ଟାଟାରୁ କେନ୍ଦୁଝରଗଡକୁ ନିୟମିତ ମେମୁ ଟ୍ରେନ୍ ଚଳାଚଳ, ଟ୍ରେନ୍ ରକ୍ଷଣାବେକ୍ଷଣ ଓ ସଫେଇ ପାଇଁ କେନ୍ଦୁଝରଗଡ଼ଠାରେ କୋଚିଂ ବେସ ପ୍ରତିଷ୍ଠା, ଘୋଷଣା କରାଯାଇଥିବା କେନ୍ଦୁଝର ଦେଇ ଯିବାକୁ ଥିବା ପୁରୀ- ଅଯୋଧ୍ୟା ଟ୍ରେନ୍ ଶ୍ରୀଗୁଣ୍ଡିଚା ଯାତ୍ରା ପୂର୍ବରୁ ଚଳାଚଳ, କେନ୍ଦୁଝରଗଡ଼ ଷ୍ଟେଶନରୁ ସ୍ଥାନୀୟ ମେଡିକାଲକୁ ସୁବିଧାରେ ଯାତାୟାତ ପାଇଁ ରାସ୍ତା ନିର୍ମାଣ, ସଦର ବ୍ଲକ୍ ରାଇସୁଆଁ ଏୟାରଷ୍ଟ୍ରିପ୍ ନିକଟରେ ଲୋକଙ୍କ ସୁବିଧା ପାଇଁ ସିଲିସୁଆ ନିକଟରେ ଟ୍ରେନ୍ ରହଣୀ ଆଦି ଦାବି କରାଯାଇଥିବା ମଞ୍ଚର ସାଧାରଣ ସମ୍ପାଦକ ଶୈଳବାଳା ପରିଡ଼ା ସୂଚନା ଦେଇଛନ୍ତି। ଏହାର କପି ପୂର୍ବତଟ ରେଳୱେ ଭୁବନେଶ୍ୱର ସାଧାରଣ ପ୍ରବନ୍ଧକ, ରେଳୱେ ବୋର୍ଡର ଅଧ୍ୟକ୍ଷଙ୍କୁ ପଠାଯାଇଥିବା ସୂଚନା ଦିଆଯାଇଛି।

## ଜଗନ୍ନାଥ ମନ୍ଦିରରେ ରୁକ୍ମିଣୀ ବିବାହ

ଯୋଡ଼ା,୧୮।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ପଶ୍ଚିମ ଯୋଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ରୁକ୍ମିଣୀ ବିବାହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସମ୍ପନ୍ନ କରିଥିବା ପୁରୀ ମୁକ୍ତି ମଣ୍ଡପର ପୂର୍ବତନ ସଭାପତି ପଣ୍ଡିତ ବିଶ୍ୱମ୍ଭର ଦାଶଙ୍କ ସୂଚନା ଅନୁଯାୟୀ,ମଙ୍ଗଳବାର ସକାଳ ସମୟରେ ମହାପ୍ରଭୁଙ୍କ ଦ୍ୱାରଫିଟା,ଭିତରଶୋଧ, ମଙ୍ଗଳ ଆଳତୀ, ମଇଲମ୍ ଏବଂ ଅବକାଶ ସ୍ନାନ ବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ସକାଳ ଧୂପ, ଦ୍ୱିପ୍ରହର ଧୂପ, ଦିବା ପହଡ଼, ଦ୍ୱାରଫିଟା, ପହଡ଼ ଆଳତୀ, କନ୍ୟାଚୋରି ନୀତି ପରେ ସନ୍ଧ୍ୟା ଆଳତୀ ଓ ବିବାହ କର୍ମ ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ଆଳତୀ ବନ୍ଦାପନା ପରେ ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିଥିଲେ। ମହାପ୍ରଭୁ ବଡ଼ ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀ ଶ୍ରୀ ଜଗନ୍ନାଥ ସେବା ସମିତିର ସଭାପତି ଡା.ଅନୀଲ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରୁଛନ୍ତି।

## ଶ୍ରେଣୀଗୃହ ଛାତରୁ ଖସିଲା ପ୍ଲାଷ୍ଟର

### ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର

ରାମଚନ୍ଦ୍ରପୁର,୧୮।୬(ଗଣେଶର ସା)



ବିଦ୍ୟାଳୟ ଛାତରୁ ଖସି ପଡ଼ିଥିବା ପ୍ଲାଷ୍ଟର।

କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ ବରିପାଳ ପଞ୍ଚାୟତରେ ଥିବା ରଙ୍ଗମାଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ ମଙ୍ଗଳବାର ପ୍ଲାଷ୍ଟର ଖସିବା ଯୋଗୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖରାଛୁଟି ପରେ ମଙ୍ଗଳବାର ବିଦ୍ୟାଳୟ ଖୋଲିଥିବା ବେଳେ ଏଭଳି ଘଟଣାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସକାଳୁଆ ସ୍କୁଲ ହୋଇଥିବାରୁ ଶିକ୍ଷକ ଶ୍ରେଣୀ ଗୃହ ଚାବି ଖୋଲୁ ଖୋଲୁ ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ସେଠାରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ନିକଟରେ ୧ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି କାର୍ଯ୍ୟ ହୋଇଥିଲା। ହେଲେ ପରିତାପର ବିଷୟ ମାସେ ନ ପୂରୁଣୁ ଛାତରୁ ପ୍ଲାଷ୍ଟର ଖସି ପଡ଼ିଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋରା ହାଁସଦା କହିଛନ୍ତି ମରାମତି କାର୍ଯ୍ୟ ବିଦ୍ୟାଳୟ ଛୁଟି ଥିବା ସମୟରେ କରଯାଇଥିଲା। କେହି ଉପସ୍ଥିତ ନ ଥିବାରୁ ଠିକାଦାର ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଆଜି ଏଭଳି ପରିସ୍ଥିତି ଘଟିଛି। ଯେଉଁ ଠିକାଦାର ଏଭଳି ନିମ୍ନମାନର କାର୍ଯ୍ୟ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ହାଁସଦା ଦାବି କରିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି

କେନ୍ଦୁଝର,୧୮।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)




ବୈଠକରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦୁଝର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀଙ୍କ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ ଉପସ୍ଥିତ ଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଜେ. କଳ୍ପନା ଓ ଜିଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବଲ ପରିଚାଳନା କରିଥିଲେ। ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ, ଅଗ୍ନିଶମ ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପୂର୍ବ, ପର ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ବିପର୍ଯ୍ୟୟ ପୂର୍ବ ଓ ପରବର୍ତ୍ତୀ ସମୟରେ ନିଜ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଏବଂ ସେ ସମ୍ବନ୍ଧିତ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ବିପର୍ଯ୍ୟୟ ପୂର୍ବରୁ ପ୍ରାକ୍ ସୂଚନା ଲୋକଙ୍କ ପାଖରେ ପହଞ୍ଚାଇବା, ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ଶୁଖିଲା ଖାଦ୍ୟ ଏବଂ ଅତ୍ୟାବଶକ ସାମଗ୍ରୀ ମହଜୁଦ ରଖିବା, ଶିଶୁ ଓ ମହିଳାଙ୍କୁ ବିଶେଷ ଧ୍ୟାନ ଦେବା, ପ୍ରାଣୀ ସମ୍ପଦର ସୁରକ୍ଷା, ସ୍କୁଲଗୁଡ଼ିକୁ ଆବଶ୍ୟକ ସ୍ଥଳେ ଅସ୍ଥାୟୀ ଆଶ୍ରୟସ୍ଥଳ କରାଯିବା, ସଂକ୍ରାମକ ରୋଗ ବ୍ୟାପିବାରୁ ଅଟକାଇବା ଲାଗି ପର୍ଯ୍ୟାପ୍ତ ଟିକା ଓ ଔଷଧ ମହଜୁଦ ରଖିବା, ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ବାଧାପ୍ରାପ୍ତ ବିଦ୍ୟୁତ୍ ସରବରାହର ପୁନଃ ସ୍ଥାପନ ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ଇତ୍ୟାଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଧିକାରୀ ସମ୍ପଦ କୁମାର ଦଳାଇ ବୈଠକରେ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଲାଗି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସବୁ ବିଭାଗ ନିଜ ନିଜ ଭିତରେ ସମନ୍ୱୟ ରଖି ଯେକୌଣସି ବିପର୍ଯ୍ୟୟର ଉଚିତ ମୁକାବିଲା କରି ଧନଜୀବନ ହାନି ହେବାରୁ ରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ, ବୁଧବାର ଅଗ୍ନିଶମ ବିଭାଗ, ଏନ୍ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ ହେବ। ଜିଲାର ସମସ୍ତ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲିଟି ସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅଧିକାରୀଙ୍କ ମଧ୍ୟରେ ଟେବୁଲ ଟପ୍ ଏକ୍ସରସାଇଜ ଆୟୋଜିତ ହେବ।

